# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 24th April - 2024

### News Editor : *Tapan Kumar Maharana*

*********************************

## ମୁଖ୍ୟ ସମ୍ବାଦ

- ବ୍ରହ୍ମପୁର, କଳହାଣ୍ଡି, ନବରଙ୍ଗପୁର ଏବଂ କୋରାପୁଟ ଲୋକସଭା କ୍ଷେତ୍ର ପାଇଁ ଆସନ୍ତାକାଲି ହେଉଛି ନାମାଙ୍କନପତ୍ର ଦାଖଲର ଶେଷ ଦିନ ।
- ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକୁ ସଶକ୍ତ କରିବା ଲକ୍ଷ୍ୟ ନେଇ ଆଜି ଦେଶରେ ପାଳିତ ହେଉଛି ଜାତୀୟ ପଞ୍ଚାୟତରାଜ ଦିବସ ।
- ସମ୍ବଲପୁର ଜିଲ୍ଲାରେ ଆସନ୍ତା ମଇ ୧୦ ତାରିଖରୁ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ ।

ଏବଂ

- ରାଜ୍ୟରେ ଆଉ ୪ ଦିନ ପର୍ଯ୍ୟନ୍ତ ଜାରି ରହିବ ଗ୍ରୀଷ୍ମ ପ୍ରବାହ; ୪ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ଅନୁମାନ କଲା ପାଣିପାଗ ବିଭାଗ ।

*Desk*

## ଚତୁର୍ଥ ପର୍ଯ୍ୟାୟ ନାମାଙ୍କନ

ଚତୁର୍ଥ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆସନ୍ତାକାଲି ନାମାଙ୍କନପତ୍ର ଦାଖଲର ଶେଷ ଦିନ ରହିଛି । ଏହି ପର୍ଯ୍ୟାୟରେ ଓଡ଼ିଶା ସମେତ ୧୦ଟି' ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୋଟ୍ ୯୬ଟି ଲୋକସଭା ଆସନ ପାଇଁ ମତଦାନ ହେବ। ରାଜ୍ୟର କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ଲୋକସଭା ଆସନ ଏବଂ ଏହା ଅନ୍ତର୍ଗତ ବିଧାନସଭା ଆସନପାଇଁ ମଇ ମାସ ୧୩ ତାରିଖରେ ଭୋଟ୍ ନିଆଯିବ।

ସେହିଭଳି ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆଜି ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ଆସନ୍ତା ୨୬ ତାରିଖ ଶୁକ୍ରବାର ଦିନ ୧୨ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ମୋଟ୍ ଅଣାନବେ ଲୋକସଭା ଆସନରେ ଭୋଟ୍ ନିଆଯିବ। ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିବ।

*Desk*

## ଜାତୀୟ ପଞ୍ଚାୟତିରାଜ ଦିବସ

ଦେଶରେ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକୁ ଅଧିକ ସଶକ୍ତ କରିବା ସହିତ ଜନସାଧାରଣଙ୍କୁ ବିକାଶମୂଳକ କାର୍ଯ୍ୟରେ ଭାଗିଦରୀ କରିବା ନେଇ ଦେଶରେ ଆଜି ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଛି । କ୍ଷମତାର

ବିକେନ୍ଦ୍ରୀକରଣ କରି ଏହାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ୧୯୯୨ ମସିହାରେ ୭୩ତମ ସମ୍ବିଧାନ ସଂଶୋଧନ ଅଧିନିୟମ ଜରିଆରେ ପଞ୍ଚାୟତିରାଜ ବ୍ୟବସ୍ଥା ସୃଷ୍ଟି କରାଯାଇଥିଲା । ୧୯୯୩ ମସିହା ଏପ୍ରିଲ୍ ୨୪ ତାରିଖରୁ ଏହା କାର୍ଯ୍ୟକାରୀ ହୋଇଥିଲା । ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାର ତଦାରଖ ପାଇଁ ୨୦୦୪ ମସିହା ମଇ ମାସ ୨୭ ତାରିଖରୁ ସ୍ୱତନ୍ତ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ଗଠନ କରାଯାଇଥିଲା। ୨୦୧୦ ମସିହା ଏପ୍ରିଲ୍ ୨୪ ତାରିଖରୁ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଞ୍ଚାୟତିରାଜ ଦିବସ ଅବସରରେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ ଜନସାଧାରଣଙ୍କୁ ଏକ ଉନ୍ନତମାନର ଜୀବନ ଧାରଣ ଯୋଗାଇଦେବା ତଥା ଦେଶର ଗ୍ରାମାଞ୍ଚଳକୁ ତୃଣମୂଳସ୍ତରରେ ରୂପାନ୍ତରଣ କରିବା ପ୍ରକ୍ରିୟାରେ  କର୍ତ୍ତବ୍ୟରତ ପ୍ରତ୍ୟେକ ବ୍ୟକ୍ତିଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି ।

ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ରାଜ୍ୟପାଳ ରଘୁବର ଦାସ ସାମାଜିକ ଗଣମାଧମରେ ପୋଷ୍ଟ କରି କହିଛନ୍ତି, ପଞ୍ଚାୟତିରାଜ ଗଣତନ୍ତ୍ରର ଏକ ଶକ୍ତିଶାଳୀ ସ୍ତମ୍ଭ, ଗାଁର ସ୍ୱପ୍ନକୁ ପୂରଣ କରି ସ୍ୱରାଜ ସ୍ଥାପିତ କରାଯାଇପାରିବ ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ଗାଁଗୁଡ଼ିକୁ ବିକାଶ ପଥରେ ପରିଚାଳିତ କରିବାରେ ପଞ୍ଚାୟତିରାଜ ବ୍ୟବସ୍ଥାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହି ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ସମୃଦ୍ଧ କରିବାରେ ମା'ମାନେ ଅଗ୍ରଣୀ ଭୂମିକା

ଗ୍ରହଣ କରିଛନ୍ତି । ମା'ମାନଙ୍କର ନିଷ୍ଠା ଓ ସମର୍ପଣରେ ଏକ ସଶକ୍ତ ଓଡ଼ିଶା ଗଠନ ହେଉଛି ବୋଲି ସେ କହିଛନ୍ତି ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଏହି ଅବସରରେ ଶୁଭକାମନା ଜଣାଇଛନ୍ତି । ପଞ୍ଚାୟତ ମାଧ୍ୟମରେ ରାଷ୍ଟ୍ର ନିର୍ମାଣରେ ସଂଲଗ୍ନ ସମସ୍ତ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଗାଁଗୁଡ଼ିକର ଉନ୍ନତିରେ ପଞ୍ଚାୟତଗୁଡ଼ିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି ।

***Sambalpur/R***

## ନିର୍ବାଚନ ପ୍ରସ୍ତୁତି - ସମ୍ବଲପୁର

ଆସନ୍ତା ମଇ ୨୫ ତାରିଖରେ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି । ଇ.ଭି.ଏମ୍.ଗୁଡ଼ିକୁ ସମସ୍ତ ନିର୍ବାଚନ ମଣ୍ଡଳିର ଷ୍ଟ୍ରଙ୍ଗ୍‌ରୁମ୍‌କୁ ପଠାଯାଇଛି । ରିଟର୍ଣ୍ଣିଂ ଅଫିସରଙ୍କ ତତ୍ତ୍ୱାବଧାନରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ଅଧିକାରୀମାନଙ୍କୁ ନେଇ ପ୍ରଥମ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ଶେଷ ହୋଇଛି । ମତଦାନ କେନ୍ଦ୍ରଗୁଡ଼ିକରେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ କରାଇବାପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାର ସୀମାଗୁଡ଼ିକରେ ଯାଞ୍ଚ୍ କରାଯାଇଛି । ଏ ସମ୍ପର୍କରେ ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲ୍ କହନ୍ତି :

***Voice :...........***

*HS, Bhadrak/R*

# ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ବୈଠକ

କନ୍ଧମାଳ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍ ଆଗାମୀ ସାଧାରଣ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ଜିଲ୍ଲାରେ ଆସନ୍ତା ମଇ ମାସ ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ମତଦାନ ପାଇଁ ଆସନ୍ତା ଶୁକ୍ରବାର ଦିନ ବିଜ୍ଞପ୍ତି ପ୍ରକାଶ ପାଇବ ।

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ବାଚନ ସଂକ୍ରାନ୍ତୀୟ ଆଦର୍ଶ ଆଚରଣ ବିଧି ପାଳନ ପାଇଁ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କର ଏକ ବୈଠକ ଜିଲ୍ଲାପାଳଙ୍କ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିର୍ବାଚନ ସଂକ୍ରାନ୍ତୀୟ ମାର୍ଗଦର୍ଶିକା, ଆଦର୍ଶ ଆଚରଣ ବିଧି ସମେତ ଅନ୍ୟ କେତେକ ମୁଖ୍ୟ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଥିଲା ।

*Sambalpur/R*

# ରବିଧାନ ସଂଗ୍ରହ

ସମ୍ବଲପୁର ଜିଲ୍ଲାରେ ଆସନ୍ତା ମଇ ମାସ ୧୦ ତାରିଖରେ ଚଳିତ ବର୍ଷର ରବିଧାନ ସଂଗ୍ରହ କରାଯିବାପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ହୋଇଛି । ଜିଲ୍ଲାରେ ଧାନ ସଂଗ୍ରହପାଇଁ ୬୧ଟି ମଣ୍ଡି ଖୋଲାଯିବ । ୧୫ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକିବାପାଇଁ ନାମ ପଞ୍ଜୀକରଣ କରିଛନ୍ତି । ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ମଣ୍ଡିରେ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା ସହ ଆବଶ୍ୟକ ପଡ଼ିଲେ ଡାକ୍ତରଙ୍କୁ ନିୟୋଜିତ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଧାନ କିଣା ସକାଳ ୬ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ କରାଯିବ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

*Desk*

# ଅମିତ୍ ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସି ସୁବର୍ଣ୍ଣପୁର ଠାରେ ଦଳର ନିର୍ବାଚନ ସମ୍ପର୍କିତ ଏକ କାର୍ଯ୍ୟକ୍ରମରେ ଯୋଗଦେବେ।

ଏହା ସହିତ ସ୍ୱରାଷ୍ଟ୍ର ମନ୍ତ୍ରୀ ଏକ ନିର୍ବାଚନ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି। ସୁବର୍ଣ୍ଣପୁର ଗସ୍ତ ଶେଷ କରି ଶ୍ରୀ ଶାହା ଭୁବନେଶ୍ୱରରେ ପହଞ୍ଚିବେ ଏବଂ ସେଠାରେ ଦଳୀୟ ନେତୃବୃନ୍ଦଙ୍କ ସହ ନିର୍ବାଚନ ସ୍ଥିତି ନେଇ ଆଲୋଚନା କରିବେ ବୋଲି ଜଣାପଡ଼ିଛି।

***Sundargar/R***

## ସୁନ୍ଦରଗଡ଼ ନିର୍ବାଚନ ମଣ୍ଡଳି

ସୁନ୍ଦରଗଡ଼ ସଂରକ୍ଷିତ ଲୋକସଭା ଆସନ ଅଧୀନରେ ୭ଟି ବିଧାନସଭା ନିର୍ବାଚନ ମଣ୍ଡଳି ରହିଛି । ଆସନ୍ତା ମଇ ମାସ ୨୦ ତାରିଖରେ ଲୋକସଭା ଆସନ ସମେତ ଏହା ଅନ୍ତର୍ଗତ ବିଧାନସଭା ଆସନଗୁଡ଼ିକ ପାଇଁ ଭୋଟ୍ ଗ୍ରହଣ କରାଯିବ । ଆସନ୍ତାକାଲି ବିଧିବଦ୍ଧ ଭାବେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବ । ଆମ ସମ୍ବାଦଦାତା ସଞ୍ଜୟ କୁମାର ଦାସଙ୍କ ସୂଚନା ଅନୁସାରେ ପ୍ରତ୍ୟେକ ଆସନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ ।

***Voice :...........***

*Deogarh/R*

## ନିର୍ବାଚନ ସଚେତନତା କାର୍ଯ୍ୟକ୍ରମ

ଆସନ୍ତା ସାଧାରଣ ନିର୍ବାଚନକୁ ଅଧିକ ଶୃଙ୍ଖଳିତ ଓ ପ୍ରଭାବୀ କରିବା ଉଦ୍ଦେଶ୍ୟରେ ଦେବଗଡ଼ ଜିଲ୍ଲାରେ ଯୁବ ଭୋଟର୍‌ମାନଙ୍କର ମତଦାନ ହାର ବଢ଼ାଇବାପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ଯୁବକ ଯୁବତୀମାନଙ୍କୁ ଆଗାମୀ ମଇ ମାସ ୨୫ ତାରିଖରେ ହେବାକୁ ଥିବା ନିର୍ବାଚନରେ ମତଦାନ କରିବାକୁ ଉତ୍ସାହିତ କରାଯିବା ସହ ସଚେତନ କରାଯାଇଛି । ଦେବଗଡ଼ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗରିମାକୁ ବଜାୟ ରଖିବା ସହିତ ମତାଧିକାର ସାବ୍ୟସ୍ତ କରିବାକୁ ସଙ୍କଳ୍ପ ନେଇଥିଲେ ।

*Koraput/R*

## ନାମାଙ୍କନପତ୍ର ଦାଖଲ

କୋରାପୁଟ ଲୋକସଭା ଆସନ ସମେତ କୋରାପୁଟ, ଲକ୍ଷ୍ମୀପୁର ଓ ପଟାଙ୍ଗୀ ବିଧାନସଭା ଆସନ ସକାଶେ ବି.ଜେ.ପି. ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିଛନ୍ତି । କୋରାପୁଟ ସଂସଦୀୟ ଆସନ ପାଇଁ କାଳିରାମ ମାଝି, କୋରାପୁଟ ବିଧାନସଭା ଆସନ ପାଇଁ ରଘୁରାମ ମାଛ, ଲକ୍ଷ୍ମୀପୁର ଆସନ ପାଇଁ କୈଳାସ କୁଲେସିଆ ଓ ପଟାଙ୍ଗୀ ବିଧାନସଭା ଆସନ ପାଇଁ ଚୈତନ୍ୟ

ନନ୍ଦିବାଲି ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ସେମାନଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି ।

***Keonjhar/R***

## ଜଙ୍ଗଲ ନିଆଁ

କେନ୍ଦୁଝର ଜିଲ୍ଲାର ୩ଟି ବନାଞ୍ଚଳରେ ୩୬୦ଟି ସ୍ଥାନରେ ଜଙ୍ଗଲ ନିଆଁ ଲାଗିଛି ବୋଲି କେନ୍ଦୁଝର ଡି.ଏଫ୍.ଓ. କହିଛନ୍ତି । ଚମ୍ପୁଆ ରେଞ୍ଜ୍‌ରେ ୮୦ଟି, କେନ୍ଦୁଝର ସଦରରେ ୫୫ଟି ଏବଂ ବାଂଶପାଳ ରେଞ୍ଜ୍‌ରେ ୭୦ଟି ସ୍ଥାନରେ ନିଆଁ ଲାଗିଥିବା ଜଣାପଡ଼ିଛି ।  ଗତ ଏକ ସପ୍ତାହ ମଧ୍ୟରେ ଏହି ଅଞ୍ଚଳରେ ଅଧିକ ପରିମାଣର ଜଙ୍ଗଲରେ ନିଆଁ  ଲାଗିଥିବା କର୍ତ୍ତୃପକ୍ଷ କହିଛନ୍ତି । ବନ ସୁରକ୍ଷା ସମିତି ଏବଂ ଅନ୍ୟମାନଙ୍କର ସହଯୋଗରେ ନିଆଁ ଲିଭା କାର୍ଯ୍ୟ ଜାରି ରହିଛି ।

***Boudh/R***

## ହୃଦ୍‌ରୋଗ ଚିକିତ୍ସା

ରାଷ୍ଟ୍ରୀୟ ବାଳସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ବୌଦ୍ଧ ଜିଲ୍ଲାର ୧୫ ଜଣ ଶିଶୁଙ୍କର ଉତ୍ତମ ହୃଦ୍‌ରୋଗ ଚିକିତ୍ସାପାଇଁ କଲିକତା ପଠାଯାଇଛି ।

କନ୍ଧମାଳ ବ୍ଲକ୍‌ର ୭ ଜଣ ଶିଶୁଙ୍କ ସମେତ ବୌଦ୍ଧ ଏବଂ ହରଭଙ୍ଗା ବ୍ଲକ୍‌ର ୮ ଜଣ ଶିଶୁଙ୍କୁ ଚିକିତ୍ସା ନିମନ୍ତେ କଲିକତାର ରବୀନ୍ଦ୍ର ନାଥ ଟାଗୋର ହୃଦ୍‌ରୋଗ ଚିକିତ୍ସାଳୟକୁ ପଠାଯାଇଛି ।

***Met.***

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଭୁବନେଶ୍ୱରରେ ଆଜି ସର୍ବାଧିକ ତାପମାତ୍ରା ୪୩ ଦଶମିକ ୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ରାଜ୍ୟ ରାଜଧାନୀ ଆଜି ସବୁଠାରୁ ଉତ୍ତପ୍ତ ସହର ଥିଲା । ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ଥିଲା । ଝାରସୁଗୁଡ଼ା ୪୨ ଦଶମିକ ୯, ଚାନ୍ଦବାଲି ୪୨ ଦଶମିକ ୨, ବାଲେଶ୍ୱର ୪୧ ଦଶକିମ ୪, ରାଉରକେଲା ୪୦ ଦଶମିକ ୮, ସମ୍ବଲପୁର ୪୦ ଦଶମିକ ୧ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଛି । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ, ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇବ। କେତେକ ସ୍ଥାନରେ ତାପମାତ୍ରା ୪ରୁ ୬ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବା ନେଇ ଅନୁମାନ କରାଯାଇଛି।

*****